# Akashvani, Sambalpur

## SAMBALPURI NEWS BULLETIN

### 18 December 2025 – 6.47- 6.52 am.

********************************************

ମୁଖ୍ୟମନ୍ତ୍ରୀ ହାଇଦ୍ରାବାଦ ଗସ୍ତ                ଏନ୍‌ଏସ୍‌ଡି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଆଉ ଆଏବା କାଏଲ୍ ହାଇଦ୍ରାବାଦ୍ ନ ନିବେଶକ ସମ୍ମିଳନୀଥି ଯୋଗ୍‌ଦେବେ । ଇତାର୍ ସହେତେ ହାଇଦ୍ରାବାଦ୍ ନ ଗୁଟେ ରୋଡ୍ ଶୋ' କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ନ ପୁଞ୍ଜିନିବେଶ କର୍‌ବାର ଲାଗି ଶିଳ୍ପ ଉଦ୍ୟୋଗୀ ଆଉ ପୁଞ୍ଜିନିବେଶକାରୀମାନ୍‌ଙ୍କୁ ଆହ୍ୱାନ୍ ଦେବେ । ଇ ବାବ୍‌ଦେ ସୂଚ୍‌ନା ଦେଇ୍‌କରି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍.....

(ଭଏସ୍---- ସମ୍ପଦ ଚନ୍ଦ୍ର ସ୍ୱାଇଁ)

ରାଜ୍ୟସ୍ତରୀୟ ସର୍ଗିଫୁଲ୍ ମହୋତ୍ସବ        I&PR

ଭୁବ୍‌ନେଶ୍ୱର୍ ଆଦିବାସୀ ପଡ଼ିଆ ନ ରାଜ୍ୟସ୍ତରୀୟ ସର୍ଗିଫୁଲ୍ ମହୋତ୍ସବ-୨୦୨୫ ଆଏଜ୍‌ଠାନୁ ମୁଲ୍ ହେଉଛେ । ୩ ଦିନିଆ କାର୍ଯ୍ୟକ୍ରମ୍‌କେ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କର୍ ସହେତେ ଅଲ୍‌ଗା ମାନେ ଉପସ୍ଥିତ୍ ରହେବେ ।

ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ଭୁବନେଶ୍ୱର ଗୋଠପାଟଣା ଆଇଆଇଆଇଟି ପରିସର ନ ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର ଖୁଲ୍‌ବାର୍ ଲାଗି ୪ ଶହ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଆଇଆଇଆଇଟି ନ ଗଲାକାଏଲ୍ ହେଇଥିବା ଇଣ୍ଡୋସ୍କ୍ରିପ୍ଟ କାର୍ଯ୍ୟକ୍ରମ୍‌ର ଉଦ୍‌ଯାପନୀ ସମାରୋହଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ଘୋଷଣା କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ସେମିକଣ୍ଡକ୍ଟର ଦରବ୍ ଆଉ ଡିଭାଇସ୍ ଲାଗି ଉତ୍କର୍ଷ କେନ୍ଦ୍ର ଥାପ୍‌ନା ହେଲେ ଦକ୍ଷତା ବଢ଼୍‌ବାର ସହେତେ ଗବେଷଣା, ନୂଆସୃଜନ୍ ଆଉ ଶିଳ୍ପ ସଂସ୍ଥା ସଙ୍ଗେ ସହଭାଗିତା ବର୍‌କସ୍ କର୍‌ବା ।

ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ I&PR

ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନ ଗଲା ୬ ତାରିଖ୍‌ନୁ ଚାଲିଥିବା ରାଜ୍ୟ ପୁସ୍ତକ ମହୋତ୍ସବ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ଉଦ୍‌ଯାପନୀ ସମାରୋହଥି ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗ୍ ଦେଇକରି ମହୋତ୍ସବ୍ ବୁଲି ଦେଖିବାର୍ ସହେତେ ପୁସ୍ତକ ମହୋତ୍ସବ ଲେଖକ, ପାଠକ ଆଉ ପ୍ରକାଶକଙ୍କର ତ୍ରିବେଣୀ ସଙ୍ଗମ୍ ବଲି କହିଛନ୍ । ଓଡ଼ିଆ ଭାଷା ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ହେଇଥିବା ଇ ମହୋତ୍ସବଥି ୫ ଶହ ୫୦ ଟା ଷ୍ଟଲ୍ ତିଆର୍ କରାଯାଇଥିବାର୍ ବେଲେ ୨ ଶହ ୫୦ ପ୍ରକାଶକ ଆଉ ବହି ବିକ୍ରେତା ଯୋଗ୍ ଦେଇଥିଲେ । ଇ ବଛର୍ ପୁସ୍ତକ ମହୋତ୍ସବଥି ୧୨ ଦିନ୍ ଭିତ୍‌ରେ ସାଢ଼େ ୬ କୋଟିନୁ ଅଏତ୍‌କା ଟଙ୍କାର ବେପାର୍ ହେଇଥିବାର୍ ବେଲେ ଭିନ୍ ଭିନ୍ ପ୍ରକାଶନ ସଂସ୍ଥା ତର୍‌ଫୁ ଶହେନୁ ଅଏତ୍‌କା ବହି ଉନ୍ମୋଚିତ୍ ହେଇଛେ ।

ଏଆଇ ଇମ୍ପେକ୍ଟ ସମ୍ମିଳନୀ I&PR

ରାଜ୍ୟ ସୂଚନା ଆଉ ପ୍ରଯୁକ୍ତି ବିଭାଗ୍ ତର୍‌ଫୁ ଭୁବନେଶ୍ୱର ନ ଆଏବାକାଏଲ୍‌ଠାନୁ ୨ ଦିନିଆ ଓଡ଼ିଶା ଆଂଚଳିକ ଏଆଇ ଇମ୍ପେକ୍ଟ ସମ୍ମିଳନୀ ମୁଲ୍ ହେବା । ଇ ସମ୍ମିଳନୀଥି କୃତ୍ରିମ ବୁଦ୍ଧିମତାଥି ଭାଷା ଦାନ୍ କାର୍ଯ୍ୟକ୍ରମ ହେବା, ଯେନ୍‌ଥି ଓଡ଼ିଆ ଭାଷାକେ ସରଲ୍ ଭାବେ ଲୁକ୍‌କର

ପାଖ୍‌କେ ପୁହୁଁଚାବାର୍ ଲାଗି ଚେରେଷ୍ଟା କରାଯିବା । ଆଏବା ଫେବୃୟାରୀ ମାସେ ହେବାର୍‌କେ ଥିବା ଭାରତ ଇମ୍ପେକ୍ଟ ଏଆଇ ସମ୍ମିଳନୀର୍ ଆଗୋନୁ ଓଡ଼ିଶା ସହେତେ ୮ଟା ରାଜ୍ୟ ନ ଇତାର୍ ଆଂଚଳିକ୍ ସମ୍ମିଳନୀର୍ ଆୟୋଜନ୍ କରାଯାଉଛେ ବଲି ରାଜ୍ୟ ସୂଚନା ଆଉ ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ ।

ବି.ଭି. ଜି. ରାମ୍. ଜି ବିଲ୍ ପି.ଆଇ.ବି.

କେନ୍ଦ୍ର ସରକାରଙ୍କର ବିକଶିତ୍ ଭାରତ୍ - ନିଶ୍ଚିତ୍ ରୋଜ୍‌ଗାର୍ ଆଜୀବିକା ମିଶନ୍ ଗ୍ରାମୀଣ-ବି.ଭି. ଜି. ରାମ୍. ଜି ବିଲ୍-୨୦୨୫ଥି ଗ୍ରାମୀଣ ଶ୍ରମିକ୍‌ମାନ୍‌କୁ ୨୫ ପ୍ରତିଶତ୍ ଅଏତ୍‌କା ରୋଜ୍‌ଗାର୍ ବ୍ୟବସ୍ଥା କରାଯାଇଛେ । ମନରେଗା ଯୋଜ୍‌ନାଥି କାମ୍ ସବୁକେ ବହୁତ୍‌ଟେ ବର୍ଗଥି ଭାଗ୍ ଭାଗ୍ କରାଯାଇଥିଲା ଆଉ ତାର୍ କେନ୍‌ସି ବର୍‌କସ୍ ଜାତୀୟ ରଣନୀତି ନାଇଁ ଥାଇ । ମାତରକ ନୂଆଁ ଆଇନ୍‌ଥି ୪ ଟା ପ୍ରମୁଖ ବର୍ଗକେ କାର୍ଯ୍ୟକାରୀ କରାଯିବା । ଗାଁ ଇଲାକାର୍ ଭୌଗୋଲିକ୍ ଥିତି ଅନ୍‌ସାରେ ସମନ୍ୱିତ୍ ଯୋଜ୍‌ନା ତିଆର୍ କରାଯିବା । ପଂଚାୟତ୍‌ମାନେ ତିଆର୍ କରିଥିବା ବିକଶିତ୍ ଗ୍ରାମ୍ ପଂଚାୟତ୍ ଯୋଜ୍‌ନାମାନ୍‌କୁ ଇ ନୂଆଁ ଆଇନ୍ ବାଧ୍ୟତାମୂଲକ୍ କର୍‌ବା ଆଉ ପିଏମ୍ ଗତିଶକ୍ତି ବାଗିର୍ ଜାତୀୟ ବ୍ୟବସ୍ଥା ଜରିଏ କାମ୍‌କାଜ୍ ସବୁର୍ ଏକ୍‌ଠାନିଆ କରାଯାଇ ପାର୍‌ବା ।

ଆପାର୍ଟମେଂଟ ପଞ୍ଜିକରଣ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ଆପାର୍ଟମେଂଟ କମନ୍ ଏରିଆ ରେଜିଷ୍ଟ୍ରେସନ୍ ଲାଗି ୨୦ ହଜାର ଟଙ୍କା ଦର୍ ଧାରିଜ୍ କରିଛନ୍ । ଧାରିଜ୍ ପଞ୍ଜିକରଣ ଫି ଦେଲା ଉତ୍‌ରୁ ସୋସାଇଟି ହାତ୍‌କେ ଜମି ମାଲିକାନା ଆସ୍‌ବା ଆଉ ଆପାର୍ଟମେଂଟ ପଞ୍ଜିକରଣ ହେଇପାର୍‌ବା । ଇ ବାବ୍‌ଦେ ଗଲାକାଏଲ୍ ରାଜସ୍ୱ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଓଏସ୍‌ଏସ୍‌ଟିଇଟିର ଆବେଦନ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା- ଓଏସ୍‌ଏସ୍‌ଟିଇଟିର ଆବେଦନ୍ ଅବଧି ଆଏବା ୨୦ ତାରିଖ୍ ତକ୍ ବଢ଼ାଯାଇଛେ । ଇ ବାବ୍‌ଦେ ମାଧ୍ୟମିକ ଶିକ୍ଷା ପରିଷଦ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ଓଏସ୍‌ଏସ୍‌ଟିଇଟିର ଆବେଦନର ଶେଷ୍ ଦିନ୍ ଡିସେମ୍ବର ୧୭ ତାରିଖ୍ ଥିଲା । ମାତର୍‌କ ପ୍ରାର୍ଥୀମାନ୍‌କର ଅନୁରୋଧ୍ ଲାଗି ସମିଆ ବଢ଼ାଯାଇଛେ ବଲି ପରିଷଦ୍ ତର୍‌ଫୁ କୁହାଯାଇଛେ ।

ବରଗଡ଼ ସାଂସଦ- ସ୍ୱାସ୍ଥ୍ୟମନ୍ତ୍ରୀ ସାକ୍ଷାତ୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକେ ସୁପର୍ ସ୍ପେସାଲିଟି ଆଉ ମେଡିକାଲ କଲେଜ୍ ଭାବେ ଉନ୍ନତ୍ କର୍‌ବାର୍‌କେ ବରଗଡ଼ ସାଂସଦ୍ ପ୍ରଦୀପ ପୁରୋହିତ ଦାବି କରିଛନ୍ । ଗଲାକାଏଲ୍ ନୂଆଦିଲ୍ଲୀ ନ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କୁ ଭେଟିକରି ଶ୍ରୀ ପୁରୋହିତ ଇ ବାବ୍‌ଦେ ଲିଖିତ୍ ଦାବିପତ୍ର ଦେଇଛନ୍ ।

ଜଙ୍ଗଲ ନିଅାଁ ଆଏତ୍ ବୈଠକ୍        ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ବନଖଣ୍ଡ କାର୍ଯ୍ୟାଳୟ ନ ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କର ଅଧ୍ୟକ୍ଷତାଥି ୨୦୨୬ ବଛର୍ ଲାଗି ଜଙ୍ଗଲ ନିଅାଁ ପରିଚାଳନା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜଙ୍ଗଲ ନିଅାଁ ଆଏତ୍ ଲାଗି ଖାର୍ଯ୍ୟ ଖସଡ଼ା ତିଆର୍ ଆଉ ଅନୁମୋଦନ୍ କରାଯାଇଥିଲା ।